# କୁର୍ମାଲୀ ଭାଷା ଓ ତାର ସ୍ୱତନ୍ତ୍ରତା : ଏକ ସଂକ୍ଷିପ୍ତ ପରିଚୟ

ଡ଼ାଃ ଗୌରହରୀ ମହାନ୍ତ ବର୍ମା

ଓଡ଼ିଶାର ଉତ୍ତରାଞ୍ଚଳରେ କୁର୍ମାଲୀ ଏକ ପ୍ରଭାବଶାଳୀ କଥିତ ଭାଷା । ଲୋକ ଭାଷା ଭାବରେ ଏହା ଏ ଅଞ୍ଚଳର ଲୋକ ସଂସ୍କୃତିକୁ ଖାଲି ପ୍ରଭାବିତ କରୁନାହିଁ, ନିୟନ୍ତ୍ରଣ ମଧ୍ୟ କରୁଛି । ଏ ଭାଷା ଝାଡ଼ଖଣ୍ଡ ପ୍ରଦେଶର ରାଞ୍ଚି ବିଶ୍ୱବିଦ୍ୟାଳୟରେ ଏକ ଆଞ୍ଚଳିକ ଭାଷା ଭାବରେ ସ୍ୱୀକୃତି ଲାଭ କରି ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନର ବ୍ୟବସ୍ଥା ହୋଇଥିଲେ ସୁଦ୍ଧା ଏବେ ବି ଅତ୍ୟନ୍ତ ଅବହେଳିତ ଓ ପ୍ରାୟ ଅନାଲୋଚିତ । ଆଉ ଯଦିଓ କୁର୍ମାଲୀ ଭାଷି ଇଲାକାର ପରିଧି ବର୍ତ୍ତମାନ ବିଶାଳ, ଏହାର ମୂଳ ଜନ୍ମଭୂମି କିନ୍ତୁ ଅଧୁନା ଝାଡ଼ଖଣ୍ଡ ଅନ୍ତର୍ଗତ ହାଜାରିବାଗ୍, ପାଲାମୁ, ଗିରିଡ଼ିହି ଓ ଧାନବାଦ ଅଞ୍ଚଳ । ଏବଂ ଯଦିଓ ଏହା ଅଧିକ ଗବେଷଣାର ବିଷୟ ଅନ୍ତତଃ ମୋର ଅନୁଭବ ଓ ବିଶ୍ୱାସରେ ଏହି ଅଞ୍ଚଳରେ ହିଁ ମାଗଧୀ ପ୍ରାକୃତରୁ ଏ ଭାଷାର ନିବକଳେବର ତିଆରି ହୋଇଛି ।

ଇତିହାସ କହେ, ୧୪୫୯ ମସିହାରେ ସୁଲତାନ ସିକନ୍ଦର ଲୋଦୀ ବୁନ୍ଦେଲଖଣ୍ଡର ରାଜା ବୀର ସିଂହଦେବଙ୍କୁ ଆକ୍ରମଣ କରି ପରାସ୍ତ କରିଥିଲେ । ଆଉ ପରାଜିତ ରାଜା ରାଜ୍ୟ ହରାଇ ନିଜର ସହସ୍ର ସହସ୍ର ଅଙ୍ଗରକ୍ଷୀ, ଅନୁଗତ, ସୈନିକ ଓ ପ୍ରଜାଙ୍କ ସହିତ ଛୋଟନାଗପୁର ମାଲଭୂମିର ଉପରୋକ୍ତ ସେ ସମୟର ଘଞ୍ଚ ଜଙ୍ଗଲ ଅଞ୍ଚଳରେ ପ୍ରବେଶ କରି ସ୍ଥାୟୀ ଭାବରେ ରହିଗଲେ । କୁର୍ମାଲୀ ଟୁସୁ କିମ୍ବଦନ୍ତୀରେ ମଧ୍ୟ ଏହିଭଳି ଏକ କଥା କୁହାଯାଇଥାଏ । ବୁନ୍ଦେଲଖଣ୍ଡ ଓ ଗୋଓ୍ୱାଲିଅର ଅଞ୍ଚଳ ସେ ସମୟରେ ଏବଂ ଏବେ ମଧ୍ୟ କୁର୍ମିକୃଷକ ଜନଗୋଷ୍ଠୀ ବହୁଳ । ତେଣୁ ବୀର ସିଂହଦେବଙ୍କ ସହିତ ଆସିଥିବା ଅନୁଗତ ସୈନିକ ଓ ଜନଗଣଙ୍କ ମଧ୍ୟରେ କୁର୍ମିଜନଗୋଷ୍ଠୀର ବହୁଳତା ରହିବା ଅସ୍ୱାଭାବିକ ନୁହେଁ । ଅତଏବ ନବାଗତ ଏହି ସମୁଦାୟ ବୁନ୍ଦେଲଖଣ୍ଡି ଜନଗୋଷ୍ଠୀଟି ନିଜ ଭାବରେ ଆଦାନ ପ୍ରଦାନ ପାଇଁ ସାଙ୍ଗରେ ନେଇ ଆସିଥିବା ବୁନ୍ଦେଲଖଣ୍ଡି–ଗୋଲଓ୍ୱାରୀ କଥିକ ଭାଷାକୁ, ଏହି ଇଲାକାରେ ଥିବା ବିଭିନ୍ନ ବନବାସୀ ଜନଗୋଷ୍ଠୀ ଯେଉଁ ମାନଙ୍କର ନିଜର ସ୍ୱତନ୍ତ୍ର ସ୍ୱତନ୍ତ୍ର ଗୋଷ୍ଠୀଗତ ଭାଷା ରହିଥିଲା, ସେମାନେ ନବାଗତଙ୍କ ମଧ୍ୟରେ ସଂଖ୍ୟାଧିକ ଥିବା କୁର୍ମିଙ୍କ ନାମରେ ସେ ଭାଷାକୁ ଚିହ୍ନିତ କରିବା ମଧ୍ୟ ଅସ୍ୱାଭାବିକ ନୁହେଁ । ଆଉ ଏଠାରେ ଅବସ୍ଥିତ କୌଣସି ଗୋଷ୍ଠୀଗତ ଭାଷା ସେହି ବିଭିନ୍ନ ବନବାସୀ ଜନଗୋଷ୍ଠୀ ଓ ନବାଗତ ଜନଗୋଷ୍ଠୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନରେ ସରଳ ସର୍ବଗ୍ରାହୀ ହୋଇ ନପାରିବା ଫଳରେ ସମୟକ୍ରମେ ଏହି ନୂତନ କୁର୍ମାଲୀ ନାମଧାରୀ ଆଗନ୍ତୁକ ଭାଷାଟି ବହୁ ଜନଗୋଷ୍ଠୀର ମାତୃଭାଷା ଥାଇ ବି ନୂଆ ପରିବେଶରେ ଗୋଷ୍ଠୀଗତ ନାମରେ ଲୋକଭାଷା ଭାବରେ ଆଦୃତ ହୋଇଥିଲା । ପୁଣି ଏକଥା ଅବିଶ୍ୱାସ ନୁହେଁ ଯେ ସେ କାଳର ସ୍ୱାଭାବିକ ଲୋକ ସ୍ଥାନାନ୍ତର କାରଣରୁ ଆଜାମଗଡ଼, ନାଳନ୍ଦା ଓ ଗୟା ଅଞ୍ଚଳରୁ ମଧ୍ୟ ସେହି ଏକା ସମୟରେ କିଛି ଜନଗୋଷ୍ଠୀର ଅନୁପ୍ରବେଶ ଏହି ବନାଞ୍ଚଳକୁ ଘଟିଛି ଓ ସେହି ଜନଗୋଷ୍ଠୀ ଭିତରେ ମଧ୍ୟ କୁର୍ମିବହୁଳତା ରହିବା ଅସ୍ୱାଭାବିକ ନୁହେଁ । କାରଣ ସେସବୁ ଅଞ୍ଚଳ ସେ ସମୟରେ ଓ ଆଜିବି କୁର୍ମିକୃଷକ ଜନଗୋଷ୍ଠୀ ବହୁଳ । ଏବଂ ସେସବୁ ଅଞ୍ଚଳର କଥିତ ଭାଷା ବ୍ରଜବୋଲି, ମୈଥିଳୀ ବା ଭୋଜପୁରୀ ହୋଇଥିବା ହେତୁ ଆଗନ୍ତୁକ ସେହି ଜନଗୋଷ୍ଠୀ ସହିତ ଏ ଭାଷା ମଧ୍ୟ ଏଠାକୁ ପହଞ୍ଚିଛି । ଅତଏକ ଏହି ବୁନ୍ଦେଲଖଣ୍ଡି – ଗୋଲଓ୍ୱାରୀରୁ କୁର୍ମାଲୀକୁ ପରିବର୍ତ୍ତିତ ଭାଷାଟି ସହିତ ବ୍ରଜବୋଲି, ମୈଥିଳୀ ବା ଭୋଜପୁରୀ ଭଳି ଆଞ୍ଚଳିକ ଅଥଚ ଭଗିନୀ ଭାଷାର ସହାବସ୍ଥାନ ଏଠାରେ ଘଟିଛି, ଯାହା ଫଳରେ ଏ ଭାଷା ଏଠାରେ ଶବ୍ଦ ଓ ଭାବ ପ୍ରକାଶରେ ଅଧିକ ସୁସଂହତ ଏବଂ ଶକ୍ତିଶାଳୀ ହୋଇ ବେଶ ଜନାଦୃତ ହୋଇଛି । ଆଜିର ରାଞ୍ଚି ଅଞ୍ଚଳର ଲୋକ ପ୍ରିୟ ନାଗପୁରିଆ ସଦାନୀ ଭାଷା ସହିତ ଏହି କୁର୍ମାଲୀର ସର୍ବାଧିକ ସାଦୃଶ୍ୟ

ଏବଂ ଛତିଶଗଡ଼ର, ବ୍ରଜବୋଲି, ଭୋଜପୁରୀ, ମଗହୀ ଓ ମୈଥିଳୀ ଭାଷା ସହିତ ଏହାର ବହୁ ଭାବରେ ସାମଞ୍ଜସ୍ୟ ତଥା ତାହାର ଅନ୍ୟତମ ପରିଚ଼ୟ ‘‘ଗୋଲଓ୍ୱାରୀ’’କୁ ମନରେ ରଖି ଆମ୍ଭର ଏହି ବିଶ୍ୱାସ । ଆଉ ଏ ବିଶ୍ୱାସକୁ ପ୍ରମାଣିତ କରିବାକୁ ଆମ୍ଭେ ଏଠାରେ ବ୍ରଜ ଭାଖା (ଭାଷା), ମୈଥିଳୀ ଓ କୁର୍ମାଲୀର କିଛି ଲୋକପ୍ରିୟ ପଦ୍ୟାଂଶ ଉଦ୍ଧୃତ କରିବା ଅପ୍ରାସଙ୍ଗିକ ମନେ କରୁନାହୁଁ । ଏହି ପଦ୍ୟାଂଶ ଗୁଡ଼ିକ ଏବେ ବି ଲୋକ ମୁଖରେ ଆମ ଏଇ ଉତ୍ତର ଓଡ଼ିଶା ସମେତ ସାରା କୁର୍ମାଲୀ ଇଲାକାରେ ଶୁଣିବାକୁ ମିଳିଥାଏ ।

**କୁର୍ମାଲୀ :**

ମକେ ବାନ୍ଦି ଦେଲାୟଁ
ପ୍ରେମ ସୂତାକ୍ ଡୋରେ,
ଛୁଲୁ ଛୁଲୁ ନିଶି ଭୋରେ ।
ଶିଶୁକାଲେ ବେହାଦେଲ୍
କହୁନହିଁ ଆନେ ଗେଲ୍,
କହି ନିହା ହୋ ମୋର ବାବାକେ ହଜୁରେ,
ବଡ଼ି ଦୁଃଖ୍ ବିପତି ହାମରେ ।

**ମୈଥିଳୀ :**

କିନା କହବଁରେ ସଖୀ
କହଇତେ ଲାଜ୍‌ରେ,
ଯୈସେ ଦୁଃଖ୍ ଦେଲାୟଁ ମୋକେ
ନବ ନଟରାଜରେ ।
ପିଆ ପିଆ ଜପିଆ ବରଖ ବିତିଗେଲ୍‌ରେ,
ନହିଁ ଆଓ୍ୱେ ପିଆ ବିସୋରିଆ ଜେଲ୍‌ରେ ।

**ବ୍ରଜଭାଖା ଭାଷ :**

ବରଷା ରାତିଆ ବିଜଲିକ୍ ବାତିଆ,
ନାଥବିନେ କୈସେ ଧରବ ଛାତିଆ,
ସାଂଜ୍ ବେରାୟଁ ଗେଲେରହଁ ଯମୁନାକ୍ ଜଲ୍‌କେ
ତରୁମୂଳେ ଦେଖଲଁ ଶ୍ୟାମ୍ ନାଗରକେ,
ତରୁମୂଳେ ... ।

ଅତଏବ ବହୁଜନଗୋଷ୍ଠୀର ଏକ କଥିତ ଭାଷା ପରିସ୍ଥିତି ଓ ପରିବେଶର ଚାପରେ ଏଠାରେ ଅନେକ ଗୋଷ୍ଠୀଗତ ଓ ଆଞ୍ଚଳିକ ଭାଷାର ସଂସ୍ପର୍ଶରେ ନିଜ ମୂଳ ରୂପରେ ସ୍ଥାନୀୟ ପ୍ରଲେପ ଦେଇ ଉଚ୍ଚାରଣରେ ସ୍ଥାନୀୟ ମୋହର ଲଗାଇ ନୂତନ ରଙ୍ଗ ରୂପରେ ଆବିର୍ଭୂତ ହୋଇ ଗୋଷ୍ଠୀଗତ ପରିଚ଼ୟରେ ଲୋକପ୍ରିୟ ହୋଇଥିବା ସମ୍ପର୍କିତ ଆମ୍ଭର ଏ ବିଶ୍ୱାସଟା ଅମୂଳକ ହୋଇ ନଥାଇପାରେ । ପୁଣି ସାଙ୍ଗରେ ଧରି ଆସିଥିବା ଲୋକ କାହାଣୀ, ପହେଳି ଇତ୍ୟାଦି ସହିତ ନୂଆ ନୂଆ ଲୋକକଥା, ପ୍ରବାଦ, ପ୍ରବଚ଼ନ ଓ ପହେଳି ଯୋଡ଼ି ଏଠାରେ ଏହା ଅଧିକ ସମୃଦ୍ଧ ହୋଇ ଯାଇଛି । ଏକଥା ବି ସତ୍ୟ । ଏବଂ ଆଞ୍ଚଳିକ ଜନମନର ଭାବରେ ପରିପୂର୍ଣ୍ଣ ଲୋକଗୀତର ମହକରେ ମହକି ଉଠିଛି ଏଠି । ଚର୍ଯ୍ୟାପଦାବଳୀର ଭାଷା ଓ ଭାବଚିନ୍ତନର ଅନୁଶୀଳନ ଏବଂ ଲୋକ ସଙ୍ଗୀତ ଝୁମରର ମନଛୁଆଁ ଭାଷା ଓ ଭାବର ଅନୁଭବ ଆମକୁ ଏ ବିଷୟ ସ୍ୱୀକାର କରିବାକୁ ବାଧକରେ ।

ଆଉ କାଳକ୍ରମେ ଏଇ ନୂଆ ଚେହେରାରେ ବିରାଜିତ ଭାଷାଟିର ଧାରକ ମଣିଷ ଗୋଷ୍ଠୀର ନାନା କାରଣରୁ ଦଳବଦ୍ଧ ସ୍ଥାନାନ୍ତର ଯୋଗୁଁ ଏହା ବିଚ୍ଛୁରିତ ହୋଇଛି ଓ ସ୍ଥାନ ଭେଦରେ କୁଡ୍‌ମାଲୀ, କୁଲ୍‌ମାଲୀ, କୁରୁମାଲୀ, ମାହାତାଲି, ଗୋଲ୍‌ଧ୍ୱାରୀ ଏବଂ ମହାନ୍ତ ଭାଷା ଭଳି ନାଁରେ ମଧ୍ୟ ପରିଚ଼ିତ ହୋଇ ସମଗ୍ର ଝାଡ଼ଖଣ୍ଡ ସମେତ ବିହାର, ପଶ୍ଚିମବଙ୍ଗ, ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ଝାଡ଼ଖଣ୍ଡ ସୀମା ସଂଲଗ୍ନ ଜିଲ୍ଲା ଗୁଡ଼ିକରେ ଏବେ ବି ଦୃଢ଼ ଭାବରେ ଠିଆ ହୋଇଛି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏକ ପ୍ରିୟ ଲୋକ ଭାଷା ଭାବରେ ଏହି ବିଶାଳ ଭୂଖଣ୍ଡଳରେ ବଞ୍ଚି ରହିବା ସହିତ ଲୋକ ସଂସ୍କୃତିକୁ ଆପଣା ମାଧୁର୍ଯ୍ୟରେ ମଧୁରତର କରୁଛି । ଆଉ ଏ ଭାଷାଟି ଯେ ବହୁଜନ ଗୋଷ୍ଠୀର ଭାଷା ଥିଲା ଓ ରହିଛି ଏହାର ପ୍ରମାଣ ଆମେ ପାଇଥାଉ ଏ କଥିତ ଅଞ୍ଚଳରେ କୁର୍ମିବ୍ୟତୀତ କମାର, କୁମ୍ଭାର, ନାପିତ, ତନ୍ତୀ, ବଢେଇ, ତେଲି, ଗଉଡ଼ ଓ ଧୋବା

ପ୍ରଭୃତି ଅନ୍ୟ ଅନେକ ଗ୍ରାମ୍ୟ ପେଷାଦାର ଜନଗୋଷ୍ଠୀ ଆଜିବି ତାକୁ ମାତୃଭାଷା ଭାବରେ ବ୍ୟବହାର କରୁଥିବା ପ୍ରତ୍ୟକ୍ଷ କରି । କୁର୍ମାଲୀ ଭାବରେ ଚିହ୍ନିତ ଥିଲେ ବି ଏ ଭାଷାକୁ ନିଜ ମାତୃଭାଷା ବୋଲି ସ୍ୱୀକାର କରିବାକୁ ଏ ଜନଗୋଷ୍ଠୀ ସମୂହ କେବେ ଲଜ୍ୟା ବା କୁଣ୍ଠା ପ୍ରକାଶ କରିନାହାଁନ୍ତି । ତେଣୁ ହିଁ ଆମ ଏଇ ଉତ୍ତର ଓଡ଼ିଶାରେ ମଧ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଇଲାକାରୁ ସ୍ଥାନାନ୍ତରିତ କମାର, କୁମ୍ଭାର, ନାପିତ, ବଢେଇ, ତେଲି ପ୍ରଭୃତି ଜନଗୋଷ୍ଠୀ ଆଜିବି କୁର୍ମାଲୀକୁ ଆପଣା ମାତୃଭାଷା ଭାବରେ ବ୍ୟବହାର କରୁଥିବା ଦୃଷ୍ଟି ଗୋଚର ହୋଇଥାଏ ।

ଏ ଭାଷା ସମ୍ପର୍କରେ ଅନେକ ଭାଷାବିତ୍ ଓ ଗବେଷକ ବିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । କେହି ଏହାକୁ କଉ ଭାଷାର ଉପଭାଷା ଆଖ୍ୟା ଦେଇଛନ୍ତି ତ ଆଉ କେହି କଉ ଭାଷାର ରୂପାନ୍ତର ମାତ୍ର ବୋଲି ମତବ୍ୟକ୍ତ କରିଛନ୍ତି । ପୁଣି ଅନ୍ୟକେହି ଏହାକୁ ଏକ ମିଶ୍ରିତ ଭାଷା ଆଖ୍ୟା ଦେଇଛନ୍ତି । ତେବେ ଅନୁଭବରେ ନିମ୍ନଲିଖିତ ତିନୋଟି ମତ ଅଧିକ ଅନୁଶୀଳନ ଯୋଗ୍ୟ ଓ ଗୁରୁତ୍ୱ ବହନ କରେ ।

୧. ଡ଼ଃ. ଗ୍ରୀୟର୍‌ସନ୍ : Kurmali a very Corrupt from of eastern Magahi ... Kurmali like all the other Bihari dialect shows numerous Dravidian & Kolarian influences in its vocabulari and gramatical feature which are quite natural for it.

୨. ଡ଼ଃ. କେ.ପି. ଜୟଶ୍ୱାଲ୍ : 'Kurmali' is the independent branch of Apabhrama Sanskrit, Pali and Prakrit like Maithili, Magahi & Bhojpuri. 'Kurmali' is not the sub-dialect of any dialect but it is independent as Magats, Bhojpuri & Maithili might be.

୩. ଡ଼ଃ ବଙ୍କିମ ଚନ୍ଦ୍ର ମାହାତ : ମାଗଧୀ ପ୍ରାକୃତ ଯେ ଭୋଜପୁରୀ, ମଗହୀ, ନାଗପୁରିଆ, କୁର୍ମାଲୀର ସ୍ତର ପାର୍‌ହୟେ ଝାଡ଼ଖଣ୍ଡ ବାଂଲାୟ ରୂପାନ୍ତରିତ ହୟେଛେ, ଏକଥା ଏଖନୋ କେଉ କଲ୍‌ଲେନ୍ ନା ।

ତେବେ କୁର୍ମାଲୀ ଭାଷା ଯେ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଇବା ଯୁକ୍ତିଯୁକ୍ତ, ଏହା କୌଣସି ଭାଷାର ଉପଭାଷା ଆଦୌ ନୁହେଁ, ବ୍ୟାକରଣ ଅନୁଶୀଳନରୁ ଏହା ବେଶ୍ ସୁସ୍ପଷ୍ଟ । ଏ ଭାଷାଟିଏ ଅନେକ ବିଶେଷ ଗୁଣ ଓ ଲକ୍ଷଣ ମଧ୍ୟରେ ତୃତୀୟ ପୁରୁଷ ଏକବଚ଼ନ କ୍ଷେତ୍ରରେ କର୍ତ୍ତାଙ୍କର ଲିଙ୍ଗ ଭେଦରେ କ୍ରିୟାର ରୂପ ପରିବର୍ତ୍ତନ ସବୁଠୁ ବଡ଼ ବିଶେଷତଃ ।ଆଉ ଉଭୟ ଲିଙ୍ଗି ଶବ୍ଦର କର୍ତ୍ତା ରୂପରେ ପ୍ରୟୋଗ ସମୟରେ ମଧ୍ୟ ଉଭୟ ଲିଙ୍ଗି ଶବ୍ଦର କର୍ତ୍ତା ରୂପରେ ପ୍ରୟୋଗ ସମୟରେ ମଧ୍ୟ ସେହି ତୃତୀୟ ପୁରୁଷ ଏକ ବଚ଼ନରେ କ୍ରିୟାର ରୂପରୁ ଲିଙ୍ଗ ଚିହ୍ନଟ ସମ୍ଭବ ହୋଇଥାଏ । ଏବଂ ଯେଉଁଠି ଜୀବ ପୁରୁଷ କିମ୍ବା ସ୍ତ୍ରୀ ଅବୋଧ ସେଠାରେ ଜୀବ ବାଚ଼କ ପଦର ଏକ ବଚ଼ନରେ କ୍ରିୟାର ରୂପ ସ୍ତ୍ରୀ ଲିଙ୍ଗ ରୂପରେ ପ୍ରକାଶିତ ହୋଇଥାଏ । ଏତଦ୍‌ବ୍ୟତୀତ ଲିଙ୍ଗ ଭେଦରେ ବିଶେଷଣର ରୂପ ପରିବର୍ତ୍ତନ, ସହାୟକ କ୍ରିୟାର ସ୍ୱତନ୍ତ୍ର ପ୍ରୟୋଗ ଶୈଳୀ ଏବଂ ଓଡ଼ିଆ ଭଳି ''ଆପଣ'' ବା ତତ୍ତୁଲ୍ୟ ଶବ୍ଦ ବ୍ୟବହାରର ଅନୁପସ୍ଥିତି ଭାଷାଟିକୁ ସ୍ୱତନ୍ତ୍ର ଭାବରେ ଚିହ୍ନାଇଥାଏ । ହିନ୍ଦୀର 'ଆପ୍' ବା ଓଡ଼ିଆରେ 'ଆପଣ' ଭଳି ଶବ୍ଦର ପ୍ରୟୋଗ ନଥିବା ହେତୁ ଏ ଭାଷାର ଦ୍ୱିତୀୟ ପୁରୁଷ ଏକ ବଚ଼ନରେ ମଧ୍ୟ ବହୁବଚ଼ନ ଶବ୍ଦର ପ୍ରୟୋଗ ସହିତ ବହୁବଚ଼ନ କ୍ରିୟା ରୂପର ସଂଯୁକ୍ତି । ପୁଣି ସେହିଭଳି ସମ୍ମାନ ଦେଇ କଥପୋକଥନ କାଳରେ ଅୟଁ (ସେ) ଶବ୍ଦର ବହୁବଚ଼ନ ଶବ୍ଦ 'ଅଖରା' ପ୍ରୟୋଗ ହୋଇ ଏହାର ବହୁବଚ଼ନ କ୍ରିୟାଟିହିଁ ସଂଯୁକ୍ତ ହେବା ଏ ଭାଷାର ସ୍ୱାତନ୍ତ୍ର୍ୟକୁ ଅଧିକ ଆଲୋକିତ କରିଥାଏ ।

ପୁଣି ଏହାର ଉଚ୍ଚାରଣ କ୍ଷେତ୍ରରେ ମଧ୍ୟ ଅନେକ ବୈଶିଷ୍ଟ୍ୟ ମଧ୍ୟରେ 'ଡ଼' ଓ 'ଢ଼' ବର୍ଣ୍ଣ ଶବ୍ଦର ଆଦ୍ୟରେ ଯଥା ରୂପେ ଉଚ୍ଚାରିତ ହେଉଥିଲେ ମଧ୍ୟ ଶବ୍ଦର ଶେଷ ବା ମଝିରେ ରହି ଯଥାକ୍ରମେ 'ଲ' ବା 'ଲହ୍' ଭାବରେ ଉଚ୍ଚାରିତ ହୋଇଥାଏ ଏବଂ ଅନ୍ତଃସ୍ଥ 'ବ' କେବଳ 'ଓ୍ୱ' ଭାବରେ ହିଁ ପ୍ରୟୋଗ ଓ ଉଚ୍ଚାରିତ ହୋଇଥାଏ । ଅଧିକନ୍ତୁ ସମ୍ବୋଧନ କ୍ଷେତ୍ରରେ 'ବ', 'ହ', 'ଗ' ଓ 'ଗୋ' ର ପ୍ରୟୋଗ ଏହି ଭାଷା କଥନ ଶୈଳୀର ଏ ମନହାରୀ ଆକର୍ଷଣୀୟ ଚରିତ୍ର ।